# Akashvani, Sambalpur

## SAMBALPURI NEWS EVENING BULLETIN

## 9 September 2025- 7.02 pm- 7.12 pm.

*********************************************

୧- ଉପରାଷ୍ଟ୍ରପତି ନିର୍ବାଚନ୍‌ର ଚାଲିଛେ ଭୋଟ୍ ଗନ୍‌ତି - ଆଉ କିଛି ସମିଆ ଉତ୍‌ରୁ ଘୋଷ୍‌ନା ହେବା ଫଲାଫଲ୍ ।

୨- ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ଜନମ୍ ଦିନ୍ ଉଧେ ରାଜ୍ୟର୍ ଛାତ୍ରଛାତ୍ରୀ ମାନେ ଜଗାବେ ୭୫ ଲାଖ୍ ଗଛ୍ ।

୩- ଯୌତୁକ୍ ନିଷେଧ ଆଇନ୍ ଆଉ ଘରୋଇ ହିଂସା ଆଇନ୍ ମହିଳାମାନ୍‌କୁ ସୁରକ୍ଷା ଦେବାର୍ ସହେତେ ସଶକ୍ତ କରୁଛେ କହେଲେ ଉପମୁଖ୍ୟମନ୍ତ୍ରୀ ।

ଆଉର୍

୪- ବଙ୍ଗୋପ୍‌ସାଗର୍ ନ ଘୂର୍ଣ୍ଣିବଲୟର୍ ପ୍ରଭାବ୍‌ଥି ରାଜ୍ୟର୍ ବଡ଼୍‌ଭାଗୀ ଜାଗା ନ ଲାଗି ରହିଛେ ବର୍ଷା ।

ଉପରାଷ୍ଟ୍ରପତି ନିର୍ବାଚନ୍        ଏନ୍‌ଏସ୍‌ଡି

ଉପରାଷ୍ଟ୍ରପତି ପଦ୍ ଲାଗି ମତଦାନ୍ ପ୍ରକ୍ରିୟା ଦିଲ୍ଲୀର୍ ନୂଆଁ ସଂସଦ୍ ଭବନ୍ ନ ଶେଷ୍ ହେଇଛେ । ସଞ୍ଜ୍‌ବେଲର୍ ୬ ବଜେନୁ ଗନ୍‌ତି ଚାଲିଛେ । ଆଉ କିଛି ସମିଆ ଉତ୍‌ରୁ ଫଲାଫଲ୍ ଘୋଷ୍‌ନା କରାଯିବା । ଉପରାଷ୍ଟ୍ରପତି ପଦ୍ ଲାଗି ଏନ୍‌ଡିଏ ତର୍‌ଫୁ ମହାରାଷ୍ଟ୍ରର ରାଜ୍ୟପାଲ୍ ସି.ପି. ରାଧାକ୍ରିଷ୍ଣନ୍ ପ୍ରାର୍ଥୀ ଥିଲା ବେଲ୍‌କେ ଇଣ୍ଡି ମେଂଟର୍ ପ୍ରାର୍ଥୀ ସୁପ୍ରିମକୋର୍ଟର ଆଘର୍ ବିଚାରପତି ଜଷ୍ଟିସ ବି. ସୁଦର୍ଶନ୍ ରେଡ୍ଡୀ ଥିଲେ । ଦିନର୍ ୧୦ ବଜେନୁ ମତଦାନ୍ ମୁଲ୍ ହେଇଥିଲା ବେଲ୍‌କେ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ପହେଲା ଭୋଟ୍ ଦେଇଥିଲେ । ଗୁପତ୍ ବାଲାଟ୍ ପେପର୍‌ଥି ସାଂସଦ୍ ମାନେ ଭୋଟ୍ ଦେଇଥିଲେ ।

ରାଜ୍ୟପାଲ୍- ସୁନାବେଡ଼ା ଗସ୍ତ        ଜୟପୁର୍ ସମ୍ବାଦଦାତା

ଆଦିବାସୀ ଇଲାକା ନ ଶିକ୍ଷାର୍ ପ୍ରଚାର୍ ପ୍ରସାର୍ ଲାଗି ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍‌ପାଟି ଜୋର୍ ଦେଇଛନ୍ । କୋରାପୁଟ୍ ଜିଲ୍ଲା ସୁନାବେଡ଼ା ଠାନେ ଥିବା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟକେ ଆଏଜ୍ ପରିଦର୍ଶନ୍ କରିକରି

ରାଜ୍ୟପାଲ୍ ଡକ୍ଟର୍ କମ୍ଭମ୍‌ପାଟି ଶିକ୍ଷା ବ୍ୟବସ୍ଥାର୍ ତଦାରଖ୍ କରିଛନ୍ । ଇ ଅବ୍‌ସରେ ରାଜ୍ୟପାଲ୍ ଆଦିବାସୀ ଛାତ୍ରଛାତ୍ରୀମାନ୍‌କୁ ଉଚ୍ଚଶିକ୍ଷାକେ ନେଇକରି ସଚେତନ୍ କର୍‌ବାର୍‌କେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ପରାମର୍ଶ ଦେଇଛନ୍ । ତାର୍ ଉତ୍‌ରୁ ରାଜ୍ୟପାଲ୍ ରାଜକୁଟ ଗାଁକେ ଯାଇକରି ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାମାନେ ଚଲେଇଥିବା ମିଲେ୍‌ଟ ପ୍ରୋସେସିଂ ୟୁନିଟ୍‌କେ ବୁଲି ଦେଖିଥିଲେ । ମହିଳାମାନ୍‌କର୍ ସାଙ୍ଗେ କଥା ହେଇକରି ଇ ବେପାର୍ ଜରିଏ ସେମାନ୍‌କର୍ ସାମାଜିକ୍ ଆଉ ଆର୍ଥିକ୍ ପରିବର୍ତ୍ତନ୍ କେନ୍ ହିସାବେ ହେଇଥିଲା ପଚ୍‌ରେଇ ବୁଝିଥିଲେ ।

ଜଙ୍ଗଲ୍ ବିଭାଗ୍- ଚାରାରୋପଣ୍ I&PR

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ଜନମ୍ ଦିନ୍ ଉଧେ ଆଏବା ୧୭ ତାରିଖ୍ ଦିନ ବନ ବିଭାଗ୍ ତର୍‌ଫୁ ୭୫ ଲାଖ୍ ଗଛ୍ ଜଗାଯିବା । ଇ କାର୍ଯ୍ୟକ୍ରମ୍‌ଥି ରାଜ୍ୟର୍ ସବୁ ଉଚ୍ଚବିଦ୍ୟାଳୟ ଆଉ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର୍ ଛାତ୍ରଛାତ୍ରୀମାନେ ସାମିଲ୍ ହେଇକରି ଗଛ ଜଗାବେ ବଲି ଅତିରିକ୍ତ ମୁଖ୍ୟ ଶାସନ୍ ସଚିବ ସତ୍ୟବ୍ରତ ସାହୁ ସୂଚ୍‌ନା ଦେଇଛନ୍ । ଶ୍ରୀ ସାହୁଙ୍କର୍ ଅଧ୍ୟକ୍ଷତାଥି ଆଏଜ୍ ଇ ବାବ୍‌ଦେ ଗୁଟେ ପ୍ରସ୍ତୁତି ବୈଠକ୍

ହେଇଯାଇଛେ । ବୈଠକ୍‌ଥି ଶ୍ରୀ ସାହୁ କହିଛନ୍, ରାଜ୍ୟର୍ ୨ ଲାଖ ଶିକ୍ଷକ୍ ଶିକ୍ଷୟିତ୍ରୀଙ୍କର୍ ନେତୃତ୍ୱଥି ପାଖାପାଖି ୪୦ ହଜାର୍ ବିଦ୍ୟାଲୟର୍ ୧୫ ଲାଖ୍ ଛାତ୍ରଛାତ୍ରୀ ଗଛ୍ ଜଗାବେ । ଇଥି ଶିକ୍ଷା ବିଭାଗ୍‌ର ବରିଷ୍ଠ ଅଧିକାରୀମାନେ ଭିଲ୍ ସାମିଲ୍ ହେବେ । ବୈଠକ୍‌ଥି କୃଷି ବିଭାଗ୍ ମୁଖ୍ୟ ଶାସନ୍ ସଚିବ ଡକ୍ଟର୍ ଅରବିନ୍ଦ ପାଢ଼ୀ, ବିଦ୍ୟାଲୟ ଆଉ ଗଣଶିକ୍ଷା ବିଭାଗ୍‌ର ଶାସନ୍ ସଚିବ ଶାଳିନୀ ପଣ୍ଡିତ୍, ପଂଚାୟତିରାଜ୍ ବିଭାଗ୍‌ର ଶାସନ୍ ସଚିବ ଗିରିଶ୍ ଏସ୍.ଏନ୍. ପ୍ରମୁଖ ଉପସ୍ଥିତ୍ ଥିଲେ ।

ସୁଭଦ୍ରା-ଉପମୁଖ୍ୟମନ୍ତ୍ରୀ        ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ସୁଭଦ୍ରା ଯୋଜ୍‌ନାର୍ ସମୀକ୍ଷା ବୈଠକ୍ ଆଏବା କାଏଲ୍ ଭୁବ୍‌ନେଶ୍ୱର୍ ଠାନେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କର୍ ଅଧ୍ୟକ୍ଷତାଥି ହେବା । ଇ ବାବ୍‌ଦେ ସୂଚ୍‌ନା ଦେଇକରି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କହିଛନ୍, ବାଦ୍ ପଡ଼ିଥିବା ଯୋଗ୍ୟ ହିତାଧିକାରୀମାନ୍‌କୁ ଯୋଜ୍‌ନାଥି ସାମିଲ୍ କର୍‌ବାର୍‌କେ ଆଉ ଅଯୋଗ୍ୟ ମାନ୍‌କୁ ତାଲିକାନୁ ବାହାର୍ କର୍‌ବାର୍ ଲାଗି ଆଏବା କାଲିର୍ ବୈଠକ୍‌ଥି ଆଲୋଚନା କରାଯିବା । ଇଥିର୍‌ଲାଗି ମହିଲା ଆଉ ଶିଶୁ କଲ୍ୟାଣ୍ ବିଭାଗ୍ ତର୍‌ଫୁ ପରିବହନ୍, ଖାଦ୍ୟ

ଯୋଗାଣ ଆଉ ସ୍ୱାସ୍ଥ୍ୟ ବିଭାଗ୍‌କେ ଜରୁରୀ ତଥ୍ୟ ମଗାଯାଇଥିଲା । ୪ ଚକିଆ ଗାଡ଼ି ରଖିଥିବା ହିତାଧିକାରୀ, ମୃତ ହିତାଧିକାରୀ ଆଉ ଧାନ୍ ବିକୁଥିବା ହିତାଧିକାରୀମାନ୍‌କର୍ ବାବ୍‌ଦେ ତଥ୍ୟ ଦେବାର୍‌କେ ତିନ୍‌ହି ବିଭାଗ୍‌କେ କୁହାଯାଇଥିଲା । ସବୁ ବିଭାଗ୍‌ର ରିପୋର୍ଟ ମିଲିସାରିଛେ । ଆଏବା କାଏଲ୍ ଆଲୋଚନା କରାଯାଇକରି ସୁଭଦ୍ରା ହିତାଧିକାରୀ ତାଲିକା ଚୂଡ଼ାନ୍ତ କରାଯିବା ବଲି ଉପମୁଖ୍ୟମନ୍ତ୍ରୀ କହିଛନ୍ ।
(ଭଏସ୍ ଓଭର୍- ଉପମୁଖ୍ୟମନ୍ତ୍ରୀ)

ତୀର୍ଥଯାତ୍ରା ଟ୍ରେନ         ଏକ୍ସ

ରାଜ୍ୟ ପର୍ଯ୍ୟଟନ୍ ବିଭାଗ୍‌ର ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜ୍‌ନାଥି ୨୦୨୫-୨୬ ଆର୍ଥିକ୍ ବଛର୍‌ଥି ପହେଲା ତୀର୍ଥଯାତ୍ରା ଟ୍ରେନ୍ ଆଏବା କାଏଲ୍ ଭୁବ୍‌ନେଶ୍ୱର୍ ଠାନୁ ବାହାର୍‌ବା । ଭୁବ୍‌ନେଶ୍ୱର୍ ରେଲ୍‌ଷ୍ଟେସନ୍‌ନୁ ଦିନର୍ ୧୧ ବଜେ ଯାତ୍ରୀମାନ୍‌କୁ ଧରିକରି ଅଯୋଧ୍ୟା ବାରାଣାସୀକେ ଟ୍ରେନ୍ ଯାତ୍ରା କର୍‌ବା । ଦୁହି ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ଆର୍ ପ୍ରଭାତୀ ପରିଡ଼ା ଟ୍ରେନ୍ ଯାତ୍ରାର୍ ଶୁଭାରମ୍ଭ କର୍‌ବେ । ଟ୍ରେନ୍‌ଥି ୬ ଟା ଜିଲ୍ଲାର୍ ୭ ଶହ ୭୫ ଝନ୍ ବରିଷ୍ଠ

ନାଗରିକଙ୍କର୍ ସହେତେ ୨୫ ଝନ୍ ଅଧିକାରୀ ଯାତ୍ରା କର୍‌ବେ ।

ମହିଲା ହିଂସା ନିରୋଧୀ କର୍ମଶାଳା I&PR

ଯୌତୁକ୍ ନିଷେଧ ଆଇନ୍ ଆଉ ଘରୋଇ ହିଂସା ଆଇନ୍ ମହିଲାମାନ୍‌କୁ ସୁରକ୍ଷା ଦେବାର୍ ସହେତେ ସଶକ୍ତ କରୁଛେ ବଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ । ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ସମ୍ମିଲନୀ କକ୍ଷ ନ ହେଇଥିବା 'ଘରୋଇ ହିଂସାନୁ ମହିଲାଙ୍କର୍ ସୁରକ୍ଷା ଅଧିନିୟମ୍ -୨୦୦୫' ଆଉ 'ଯୌତୁକ ନିଷେଧ ଅଧିନିୟମ୍ ୧୯୬୧' ରାଜ୍ୟସ୍ତରୀୟ ପ୍ରଶିକ୍ଷଣ୍ ଶିବିର୍ ଥି ଯୋଗ୍ ଦେଇକରି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ଘରୋଇ ହିଂସା ଦୂର୍ କର୍‌ବାର୍ ଲାଗି ମୋବାଇଲ୍ ଆଉ ସାମାଜିକ୍ ଗଣମାଧ୍ୟମ୍‌ଠାନୁ ଦୂରେ ରହେବାର୍‌କେ ପରାମର୍ଶ ଦେଇଛନ୍ । ମହିଲାମାନ୍‌କୁ ସଶକ୍ତ କର୍‌ବାର୍ ଲାଗି ଆର୍ଥିକ୍ ସଙ୍ଗେ ମାନ୍‌ସିକ୍‌ସ୍ତର୍‌ଥି ଭିଲ୍ ବର୍‌କସ୍ କରାଯିବା ବଲି ଶ୍ରୀମତୀ ପରିଡ଼ା କହିଛନ୍ । ବୈଠକ୍‌ଥି ମହିଲା ସୁରକ୍ଷା ବାବଦ୍ ଆଇନ୍ ମାନ୍‌କର୍ ଉପ୍‌ରେ ଆଲୋଚନା କରାଯାଇଥିଲା । କାର୍ଯ୍ୟକ୍ରମ୍‌ଥି ଫି' ଜିଲ୍ଲା ନ ଶକ୍ତିସଦନ୍, ଓ୍ୱାନ୍ ଷ୍ଟପ୍ ସେଂଟର୍ , ସୁରକ୍ଷା ଅଧିକାରୀ, ପୁଲିସ୍ ଆଉ

ସ୍ୱେଚ୍ଛାସେବୀ ଅନୁଷ୍ଠାନ୍ ମାନ୍‌କର୍ ଶହେ ୮୦ ଝନ୍ ପ୍ରତିନିଧି ଯୋଗ୍ ଦେଇଥିଲେ । ସେଆଡ଼େ ଓଡ଼ିଶା ପୁଲିସ୍ ତର୍‌ଫୁ ଭିଲ୍ ଭୁବ୍‌ନେଶ୍ୱର୍ ପୁଲିସ୍ ଭବନ୍ ଠାନେ ମହିଳା ସୁରକ୍ଷା ବାବଦ୍ ରାଜ୍ୟସ୍ତରୀୟ ସମ୍ମିଳନୀ ହେଇଯାଇଛେ ।

ଜିଏସ୍‌ଟି ଆର୍‌ଏନ୍‌ୟୁ/ ସମ୍ବଲପୁର

ଜିଏସ୍‌ଟି ପରିଷଦ୍ ବୈଠକ୍‌ଥି ବହୁତ୍‌ଟେ ଅତି ଜରୁରୀ ଦରବ୍ ଉପ୍‌ରୁ ଟିକସ୍ ପୁରାପୁରି ଛାଡ଼୍ କର୍‌ବାର୍‌କେ ପରାମର୍ଶ ଦିଆଯାଇଛେ । ଯେନ୍‌ଟାକି ଦେଶର୍ ଗରିବ୍ ଆଉ ମଧ୍ୟବିତ ପରିବାର୍‌ମାନ୍‌କର୍ ଆର୍ଥିକ୍ ବୋଝ୍ କମ୍ କର୍‌ବା । କେନ୍ଦ୍ର ସର୍‌କାର୍‌ଙ୍କର୍ ଆଏବା ପିଢ଼ିର୍ ଜିଏସ୍‌ଟି ସଂସ୍କାର୍‌କେ ନେଇକରି ବର୍‌ଗଡ଼୍ ଜିଲ୍ଲା ନ ଭିଲ୍ ସବୁ ମହଲ ନ ସ୍ୱାଗତ୍ କରାଯାଇଛେ । ଇ ବାବ୍‌ଦେ ବର୍‌ଗଡ଼୍ ଜିଲ୍ଲାର୍ ଅଧିବାସୀ ଡକ୍ଟର୍ ଗିରିଶ୍ ଚନ୍ଦ୍ର ଦାସ କହିଛନ୍...

(ଭଏସ୍ ଓଭର୍- ଗିରିଶ ଚନ୍ଦ୍ର ଦାସ)

ଢୋଲ୍‌କିଆ ଅନ୍ତିମ୍ ସହାର୍ ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ବିଧାୟକ୍ ଆଉ ଆଘର୍ ମନ୍ତ୍ରୀ ରାଜେନ୍ଦ୍ର ପ୍ରସାଦ୍ ଢୋଲ୍‌କିଆଙ୍କର୍ ଆଏଜ୍ ନୂଆପଡ଼ା ଠାନେ ଅନ୍ତିମ୍ ସତ୍କାର୍ ଶେଷ୍ ହେଇଛେ । ସ୍ୱର୍ଗତ୍ ଢୋଲ୍‌କିଆଙ୍କର୍ ପାର୍ଥିବ ଶରୀର୍ ଚେନ୍ନାଇନୁ ବିମାନ୍ ଜରିଏ ସହର୍‌କେ ଆନ୍‌ବାର୍ ଉତ୍‌ରୁ ବହୁତ୍ ବିଶିଷ୍ଟ ବ୍ୟକ୍ତିଙ୍କର୍ ସହେତେ ସାଧାରଣ୍ ଲୁକେ ଶେଷ୍ ଦର୍ଶନ୍ କରିଥିଲେ । ଛତିଶ୍‌ଗଡ଼୍ ସୀମାନୁ ତାଙ୍କର୍ ପାର୍ଥିବ୍ ଶରୀର୍‌କେ ଗୁଟେ ଶୋଭାଯାତ୍ରାଥି ଅନାଯାଇକରି ସହର୍ ପରିକ୍ରମା କରାଯାଇଥିଲା । ଇ ଅବ୍‌ସରେ ପିସିସି ସଭାପତି ଭକ୍ତଚରଣ୍ ଦାସ, ଖଡ଼ିଆଲ୍ ବିଧାୟକ୍ ଅଧିରାଜ୍ ପାଣିଗ୍ରାହୀ, ଭିନ୍ ଭିନ୍ ଦଲର୍ ବିଧାୟକ୍ ଆର୍ ନେତାମାନ୍‌କର୍ ସହେତେ ଜିଲ୍ଲାପାଲ୍, ଆରକ୍ଷୀ ଅଧିକ୍ଷକ୍ ଶ୍ରଦ୍ଧାଞ୍ଜଳି ଜନେଇଥିଲେ ।

ସଂସ୍କୃତ୍ ଦିବସ୍        ସମ୍ବଲପୁର ସମ୍ବାଦଦାତା

ଓଡ଼ିଶା ସାଂସ୍କୃତିକ୍ ସମାଜ୍ ଠାନେ ଉତ୍କଳ ସଂସ୍କୃତ ଶିକ୍ଷକ ମହାସଂଘ ସମ୍ବଲ୍‌ପୁର୍ ଜିଲ୍ଲା ଶାଖା ତର୍‌ଫୁ ସଂସ୍କୃତ୍ ଦିବସ୍ ପାଲିତ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ଶାଖା ସଭାପତି ସୁଶୀଲ୍ କୁମାର୍ ମହାକୁଲ ଅଧକ୍ଷତା କରିଥିବାର୍ ବେଲେ ଜିଲ୍ଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ୍ ଭୋଇ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇଥିଲେ । ସଂସ୍କୃତ୍‌କେ ବିଶ୍ୱ ଭାଷାର୍ ମାଏନ୍‌ତା

ଦେବାର୍ ବାବ୍‌ଦେ କାର୍ଯ୍ୟକ୍ରମ୍ ନ ଆଲୋଚନା କରାଯାଇଥିଲା । ଇତାର୍‌ସହେତେ କୃତି ଛାତ୍ରଛାତ୍ରୀମାନ୍‌କୁ ସମ୍ବର୍ଦ୍ଧିତ୍ କରାଯାଇଥିଲା ।

ଅନ୍ତର୍ଜାତୀୟ ସାକ୍ଷରତା ଦିବସ୍       ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲାର୍ ଭିନ୍ ଭିନ୍ ଶିକ୍ଷାନୁଷ୍ଠାନ୍ ନ ୨ ଦିନ୍ ହେଲା ଅନ୍ତର୍ଜାତୀୟ ସାକ୍ଷରତା ଦିବସ୍ ପାଲିତ୍ ହେଇଯାଇଛେ । ଜିଲ୍ଲାର୍ ଚଣ୍ଡିଗଡ଼୍ ଠାନେ ହେଇଥିବା କାର୍ଯ୍ୟକ୍ରମ୍‌ଥି ବ୍ଲକ୍‌ସ୍ତରୀୟ ଅଧିକାରୀମାନେ ଯୋଗ୍ ଦେଇକରି ପାଠ୍‌ପଢ଼ାର୍ ସହେତେ କୁଶଳୀ ହେବାର୍ ବାବ୍‌ଦେ ବୁଝେଇଥିଲେ । ସେନ୍ତା ଜିଲ୍ଲାର୍ ଚାର୍‌ଛକ୍, କଂଟାମାଲ୍, ମନମୁଣ୍ଡା, ବାଉଁଶୁଣି ବିଦ୍ୟାଳୟ ନ ଭିଲ୍ ଇ ଅବ୍‌ସରେ ଆଲୋଚନାସଭା, ସଚେତନତା ଶୋଭାଯାତ୍ରା ସହେତେ ଭିନ୍ ଭିନ୍ କାର୍ଯ୍ୟକ୍ରମ୍ ହେଇଯାଇଛେ ।

ବୌଦ୍ଧ ଜିଲ୍ଲାପାଳ-ପ୍ରକଳ୍ପ ପରିଦର୍ଶନ୍            ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲାପାଲ୍ ବିଭୂତି ଭୂଷଣ୍ ନାୟକ୍ ଆଏଜ୍ ହର୍ଭଙ୍ଗା ବ୍ଲକ୍ ନ ଭିନ୍ ଭିନ୍ ପ୍ରକଳ୍ପର୍ ପରିଦର୍ଶନ୍ କରିଛନ୍ । ଜିଲ୍ଲାପାଲ୍ ଶ୍ରୀ ନାୟକ୍ ବ୍ଲକ୍ ପ୍ରଶାସନ୍ ତର୍ଫୁ ହେବାର୍କେ ଥିବାର୍ ଏକ୍ ପେଡ୍ ମାଁକେ ନାମ୍ କାର୍ଯ୍ୟକ୍ରମ୍ର ତୟାରିର୍ ସମୀକ୍ଷା କରିଛନ୍ । ତାର୍ ଉତ୍ରୁ ବାଣୀଭୂଷଣ୍ପୁର୍, ପୁରୁଣାକଟକ୍ ଆଉ ରାଧାନଗର୍ ଠାନେ କୁକୁଡ଼ା ଫାର୍ମ ବୁଲି ଦେଖିଛନ୍ । ଲୁଣିବାହାଲ୍ ପଂଚାୟତ୍ ନ ଝନେ ହିତାଧିକାରୀଙ୍କର୍ ଅନ୍ତ୍ୟୋଦୟ ଗୃହ ଯୋଜ୍ନାର୍ ଘର୍ ବୁଲି ଦେଖିଛନ୍ ।

ପାଣିପାଗ୍ ଆର୍ଏନ୍ୟୁ/ସମ୍ବଲପୁର

ଦକ୍ଷିଣ ଓଡ଼ିଶା ଆଉ ଉତର୍ ଆନ୍ଧ୍ରପ୍ରଦେଶ୍ ପାଖେ ବଙ୍ଗୋପ୍ସାଗର୍ ନ ଫେର୍ଘୁଟେ ଘୂର୍ଣ୍ଣିବଳୟ ବନିଛେ । ଇତାର୍ ପ୍ରଭାବ୍ଥି ରାଜ୍ୟର୍ ବଡ଼ଭାଗୀ ଜାଗା ନ ଆଏଜ୍ଠାନୁ ବର୍ଷା ମୁଲ୍ ହେଇଛେ । ଆଏବା ୧୩ ତାରିଖ୍ ତକ୍ ବର୍ଷା ପାଗ୍ ଲାଗି ରହେବା । ଆଏବା ୨୪ ଘଂଟା ରାଜ୍ୟର୍ ସବୁ ଜିଲ୍ଲା ନ ଘଡ଼୍ଘଡ଼ି ସହେତେ ବର୍ଷା ହେଇପାରେ ବଲି ଭୁବ୍ନେଶ୍ୱର୍ ଆଂଚଳିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍ଫୁ ସତର୍କ ସୂଚ୍ନା ଜାରି କରାଯାଇଛେ ।

ସେଆଡ଼େ ହୀରାକୁଦ୍ ଜଲ୍‌ଭଣ୍ଡାନୁ ଆଏଜ୍ ଫେର୍‌ଗୁଟେ ଗେଟ୍ ବନ୍ଦ୍ କରାଯାଇଛେ । ଇହାଦେ ଗୁଟେ ଦେଇକରି ପାଏନ୍ ଛଡ଼ାଯାଉଛେ । ଆଏଜ୍ ସଞ୍ଜବେଲର୍ ୬ ବଜେତକ୍ ଜଲ୍‌ଭଣ୍ଡାର୍‌ର ଜଲ୍‌ସ୍ତର୍ ୬ ଶହ ୨୬ ଦଶ୍‌ମିକ୍ ୮/୧ ଫୁଟ୍ ରହିଛେ । ସୂଚ୍‌ନା ଅନ୍‌ସାରେ ଜଲ୍‌ଭଣ୍ଡାର୍‌ର ଜଲ୍‌ଧାରଣ କ୍ଷମତା ହେଉଛେ ୬ ଶହ ୩୦ ଫୁଟ୍ ।